# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**24 May - 2026**

**************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲି ପଦ୍ମପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି
- ତ୍ରୁଟିଶୂନ୍ୟ ପୁନଃମୂଲ୍ୟାୟନ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ବିଶେଷଜ୍ଞ ଦଳ ନିୟୋଜିତ କରିବା ଲାଗି ସିବିଏସ୍‌ଇକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ମାନସିକ ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ସ୍କିଜୋଫ୍ରେନିଆ ଦିବସ'

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗର ପରାମର୍ଶ

— ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା

## ରାଷ୍ଟ୍ରପତି-ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପ୍ରଦାନ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ସମାରୋହରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ବିଜେତାଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ମୋଟ୍ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ୫ ଜଣଙ୍କୁ ପଦ୍ମ ବିଭୂଷଣ, ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରାଯିବ। ଓଡ଼ିଶାରୁ ଚରଣ ହେମ୍ବ୍ରମ, ମହେନ୍ଦ୍ର କୁମାର ମିଶ୍ର, ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି।

ଏ ସମ୍ପର୍କରେ ମହେନ୍ଦ୍ର କୁମାର ମିଶ୍ର କହନ୍ତି.....

**- V/O –**

## ସିବିଏସ୍‌ଇ-ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇକୁ ଏକ ତ୍ରୁଟିଶୂନ୍ୟ ପୁନଃମୂଲ୍ୟାୟନ ପ୍ରକ୍ରିୟା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବା ପାଇଁ ଆଇଆଇଟି ମାଡ୍ରାସର ଅଧ୍ୟାପକ ଏବଂ ବିଶେଷଜ୍ଞମାନଙ୍କର ଏକ ଦଳ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେବା ପୋର୍ଟାଲ ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ ଓ

ମତାମତକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଆଇଆଇଟି ମାଡ୍ରାସର ବିଶେଷଜ୍ଞ ଦଳ ବ୍ୟବସ୍ଥାର ବୈଷୟିକ ଉନ୍ନତି ପାଇଁ କାର୍ଯ୍ୟ କରିବେ । ବିଶେଷକରି ପୋର୍ଟାଲର ସ୍ଥିରତା ଏବଂ ସର୍ଭରର କାର୍ଯ୍ୟଦକ୍ଷତା ଯାଞ୍ଚ କରାଯିବ । ବିଶେଷଜ୍ଞ ଦଳର ରିପୋର୍ଟ ଆଧାରରେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବ ।

## ପ୍ରକଳ୍ପ ଶିଳାନ୍ୟାସ

ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍‌ରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

କନକତୁରାରେ ପ୍ରାୟ ୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଅତିଥିଶାଳା ସହ ପ୍ରସ୍ତାବିତ ଦୁଇଟି ସଡକ ପ୍ରକଳ୍ପର ଶ୍ରୀ ପୂଜାରୀ ଶିଳାନ୍ୟାସ କରିଛନ୍ତି ।

ଲଖନପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୬ କୋଟି ଟଙ୍କା ଅନୁଦାନରେ ନିର୍ମିତ ଶତାଧିକ ପ୍ରକଳ୍ପର ଲୋକାର୍ପଣ କରିବା ସହ ନବନିର୍ମିତ ଅତିରିକ୍ତ ବ୍ଲକ୍ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି । ଆଜି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରି ବିଭିନ୍ନ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ-ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆସନ୍ତା ୩୧ ତାରିଖ ରବିବାର ଦିନ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କୀ ବାତ୍ର ୧୩୪ତମ ସଂସ୍କରଣ ହେବ। ଜନସାଧାରଣ ଏହି କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ମତାମତ ଓ ପ୍ରସ୍ତାବ ଦେଇପାରିବେ। ଦେୟମୁକ୍ତ ନମ୍ବର ୧୮୦୦-୧୧-୭୮୦୦ରେ ମତାମତ ଦିଆଯାଇପାରିବ। ଅନ୍‌ଲାଇନ୍ ଜରିଆରେ ନରେନ୍ଦ୍ର ମୋଦୀ ଆପ୍ ଓ ମାଇ ଗଭର୍ଣ୍ଣମେଣ୍ଟ ଓପନ ଫୋରମ୍ ଜରିଆରେ ମତାମତ ଦିଆଯାଇପାରିବ। ନାଗରିକମାନେ ୧୯୨୨ ନମ୍ବରକୁ ମିସ୍‌ଡ୍ କଲ କରି ପ୍ରାପ୍ତ ଲିଙ୍କ୍‌ରେ ମଧ୍ୟ ମତାମତ ପଠାଇ ପାରିବେ। ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ମତାମତ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ସଣ୍ଡେ ଅନ୍ ସାଇକେଲ

ଭୁବନେଶ୍ୱରରେ ଆଜି ସପ୍ତମ ବାଟାଲିୟନ୍ ପକ୍ଷରୁ 'ସଣ୍ଡେ ଅନ୍ ସାଇକେଲ' ଆୟୋଜିତ ହୋଇଯାଇଛି। ଏହି ସାଇକେଲ ରାଲି ଆପୋଲୋ ହସ୍‌ପିଟାଲ ରୋଡ୍‌ରୁ ସୈନିକ ସ୍କୁଲ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ସୂଚନା ଅନୁସାରେ, ଦେଶବ୍ୟାପୀ ସୁସ୍ଥତାର ଅଭିଯାନ 'ସଣ୍ଡେ ଅନ୍ ସାଇକେଲ' ୨୦୨୪ ମସିହା ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅଭିଯାନ ମାଧ୍ୟମରେ ଦେଶର ୪ ହଜାର ୬୦୦ ରୁ ଅଧିକ ସ୍ଥାନରେ ସାଇକେଲ ରାଲିର ଆୟୋଜନ ହୋଇସାରିଛି।

# ଗ୍ରୀଷ୍ମ-ଶ୍ରମିକ

ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କୁ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ସମସ୍ତ ଜୋନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀମାନଙ୍କୁ ପତ୍ର ଲେଖାଯାଇଛି। ଏଥିଲାଗି କ୍ଷେତ୍ର କର୍ମଚାରୀମାନେ ସଜାଗ ରହିବା ସହ କୌଣସି ଅଭାବନୀୟ ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମଲହରୀ ବଳବତ୍ତର ରହିବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ସହ ଗୁଳୁଗୁଳି ବୃଦ୍ଧି ପାଇବା ନେଇ  ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅପର ପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଲାଗି ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆଜିଠାରୁ ବନ୍ଦ ରଖାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ପ୍ରବଳ ଭିଡ ଓ ଆଗାମୀ ଦିନରେ ବିଭିନ୍ନ ନୀତିକାନ୍ତି ଦୃଷ୍ଟିରୁ ସାମୟିକ ଭାବେ ଗଣତି କାର୍ଯ୍ୟ ବନ୍ଦ ରଖିବା ଲାଗି ନିଷ୍ପତ୍ତି

ଗ୍ରହଣ କରାଯାଇଛି । ଆସନ୍ତା ମାସରେ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗଣତି କରାଯିବା ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ। ଆଗାମୀ ସ୍ନାନଯାତ୍ରା ଓ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଓ ସୁପରିଚାଳନା ପାଇଁ ଚଳିତ ମାସରେ ଛତିଶାନିଯୋଗ ତଥା ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଗଣତିକାର୍ଯ୍ୟ ବନ୍ଦ ରଖିବା ଲାଗି ନିଷ୍ପତ୍ତି ହେବା ପରେ ଶ୍ରଦ୍ଧାଳୁମାନେ ଆଜିଠାରୁ ସ୍ୱାଭାବିକ ଭାବେ ଭିତର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ।

## ରଥକାଠ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଚଳିତବର୍ଷ ରଥଯାତ୍ରାର ସୁପରିଚାଳନା ପାଇଁ ବିଭିନ୍ନ ବୈଠକର ଆୟୋଜନ ହେବା ସହ ସରକାର ଉପଯୁକ୍ତ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ତିନି ରଥର ୨୧ଟି ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ପୂର୍ବରୁ ୩ ରଥର ୪୨ଟି ଚକ ନିର୍ମାଣକାର୍ଯ୍ୟ ଶେଷ ହୋଇଥିଲା। ସୂଚନା ଅନୁଯାୟୀ, ତିନି ରଥର ୨୦ ଫୁଟ ଲମ୍ବବିଶିଷ୍ଟ ୧୪ଟି ଲେଖାଏଁ ଚଉଦ ନାହାକା ଖମ୍ବ ନିର୍ମାଣକାର୍ଯ୍ୟ ଜାରି ରହିଛି। ବର୍ତ୍ତମାନସୁଦ୍ଧା ତାଳଧ୍ୱଜ ରଥର ୮ଟି, ଦର୍ପଦଳନ ରଥର ୯ଟି ଏବଂ ନନ୍ଦିଘୋଷ ରଥର ୧୧ଟି ଚଉଦନାହାକା ଚଉପଟ ପରେ ଅଷ୍ଟକୋଣୀ ଅଂଶ ମରାମତି କାର୍ଯ୍ୟ ଶେଷ ହୋଇଛି। ରୂପକାର ସେବକମାନେ ତିନି ରଥର ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ଓଝା ସେବକମାନେ ତିନି ରଥର ଅଖକଣ୍ଟା ଦଣ୍ଡା କଣ୍ଟା ଓ ବେଦୀ ସିଂହାସନର ପ୍ରସ୍ତୁତି ପାଇଁ କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ସୂଚନା

ଅନୁସାରେ ଆସନ୍ତା ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ରେ ନବଯୌବନ ଦର୍ଶନ, ଜୁଲାଇ ୧୬ରେ ରଥଯାତ୍ରା, ୨୦ ତାରିଖରେ ହେରାପଞ୍ଚମୀ, ୨୪ ତାରିଖରେ ବାହୁଡ଼ାଯାତ୍ରା, ୨୫ ତାରିଖକେର ସୁନାବେଶ, ଏବଂ ୨୭ ତାରିଖରେ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ ।

## ସ୍କିଜୋଫ୍ରେନିଆ ଦିବସ

ସମାଜରେ ମାନସିକ ରୋଗୀଙ୍କ ନିମନ୍ତେ ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କିଜୋଫ୍ରେନିଆ ସଚେତନତା ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ସ୍କିଜୋଫ୍ରେନିଆ ଦିବସର ବାର୍ତ୍ତା ହେଉଛି, 'ଆଖ୍ୟାକୁ ପୁର୍ନବିଚାର କରନ୍ତୁ, ନିଜ କାହାଣୀକୁ ଫେରିପାଆନ୍ତୁ'।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ.....

ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ବିଶେଷ ଭାବେ ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ। ବିଶେଷଜ୍ଞଙ୍କ ମତରେ ରୋଗରେ ପୀଡିତ ବ୍ୟକ୍ତି ଅନେକ ସମୟରେ ଅସାଧାରଣ ଆଚରଣ କରିଥାନ୍ତି। ସେମାନେ କଳ୍ପନାରେ ଶବ୍ଦ ଶୁଣିବା, ଅସତ୍ୟ କଥାକୁ ସତ୍ୟ ବୋଲି ବିଶ୍ୱାସ କରିବା, ଅତ୍ୟଧିକ ଭୟଭୀତ ହେବା ଓ ସମାଜରୁ ଦୂରେଇ ରହିବା ପରି ଲକ୍ଷଣ ପ୍ରକାଶ କରିଥାନ୍ତି। ଜନ୍ମଗତ

କାରଣ, ମାନସିକ ଚାପ, ପାରିବାରିକ ପରିବେଶ ଓ ମସ୍ତିଷ୍କର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ ଏହି ରୋଗର ମୂଳ କାରଣ ବୋଲି ବିଶ୍ୱାସ କରାଯାଏ। ସାଧାରଣତଃ ଯୁବାବସ୍ଥାରେ ରୋଗର ଲକ୍ଷଣ ଦେଖାଯାଇଥାଏ। ସଠିକ୍ ସମୟରେ ଚିକିତ୍ସା, ନିୟମିତ ଔଷଧ ଏବଂ ଡାକ୍ତରଙ୍କ ପରାମର୍ଶ ନିଆଗଲେ ଜଣେ ରୋଗୀ ସାଧାରଣ ମଣିଷ ପରି ଜୀବନଯାପନ କରିପାରିବ। ପରିବାରର ସହଯୋଗ, ସମାଜର ସକାରାତ୍ମକ ଭାବନା ଓ ମାନସିକ ସମର୍ଥନ ରୋଗୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ, ବିଶ୍ୱରେ ଲକ୍ଷାଧିକ ଲୋକ ପ୍ରତିବର୍ଷ ଏହି ରୋଗରେ ପୀଡିତ ହେଉଛନ୍ତି। ମାନସିକ ସ୍ୱାସ୍ଥ୍ୟକୁ ଶାରୀରିକ ସ୍ୱାସ୍ଥ୍ୟପରି ସମାନ ଗୁରୁତ୍ୱ ଦେବାକୁ ଚିକିତ୍ସକମାନେ ପରାମର୍ଶ ଦେଇଛନ୍ତି।

ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ଦିନରେ ବିଭିନ୍ନ ଚିକିତ୍ସାଳୟ, ସ୍ୱାସ୍ଥ୍ୟ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ପରାମର୍ଶ ଶିବିର ଆୟୋଜନ କରାଯାଉଛି। ରୋଗ ସମ୍ପର୍କରେ କଟକ ବଡ ମେଡିକାଲର ମାନସିକ ରୋଗ ବିଶେଷଜ୍ଞ ଡାକ୍ତର **ଅଂଶୁମୋଚନ ସାହୁ** ଆକାଶବାଣୀକୁ କହିଛନ୍ତି.....

**- V/O –**

**ବେସ୍ ବଲ୍**

ଓଡ଼ିଶା ବେସ୍ ବଲ୍ ସଂଘ ଆନୁକୂଲ୍ୟରେ ଆଜିଠାରୁ ୩୧ତମ ଜାତୀୟ ସବ୍‌ଜୁନିୟର ବେସ୍ ବଲ୍ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଛି । ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ବାଳକ ଓ ୧୮ଟି ବାଳିକ ଦଳ ଅଂଶଗ୍ରହଣ କରୁଛନ୍ତି । ପ୍ରତିଯୋଗିତାରେ ମୋଟ୍ ୧୨୦ଟି ପଦକ ପ୍ରଦାନ କରାଯିବ ।